ଅର୍ଜୁନଙ୍କ ଜନ୍ମ
ଫାଲଗୁନ ମାସ ପୂର୍ଣ୍ଣିମା ଅନ୍ତରେଣ ତିଥି
କୃଷ୍ଣପକ୍ଷ ଦ୍ୱିତୀୟା ପଣ୍ଡିତ ବାର ରାତି । ୧ । horoscope
ନକ୍ଷତ୍ର ଭୋଗ ଯେ ଉତ୍ତରା ଫାଲଗୁନୀ
ପଣ୍ଡୁରାଜା ମୃଗୟାକୁ ବିଜୟେ ଯୁଝେଷ୍ଠି ଭୀମସେନ ଘେନି । ୨ ।
ମହାନିଶା କାଳେ ଶେଯ୍ୟାର ଯୁଗତେ କୋନ୍ତଭୋଜ ରାଜାର ଦୁଲାଳୀ
ଶ୍ରୀହସ୍ତେ ଘେନିଲେ ସେ ଦୁର୍ଭାସାଙ୍କ ଜପାମାଳୀ । ୩ ।
ଧ୍ୟାନେଣ ସୁମରଣା ସେ କଲେକ ଦେବରାଜ
ଜାଣିଣ ଅନେକ ଅଳଙ୍କାରେ ବାସବ ଦେବ ସଜ । ୪ ।
ହୃଦରେ ଲମ୍ବାଇ ପାରିଜାତକ ପୁଷ୍ପମାଳା
କୋଟିୟେ ଅଭିଷେକ ଅଳଙ୍କାର ଶୋଭିତ ଢଳହଳା । ୫ ।
ଶ୍ରୀଅଙ୍ଗେ ଲେପନ ମୃଗଲାଭ କସ୍ତୁରୀ
କୋଇନ୍ତାଙ୍କ ଶେଯ୍ୟାରେ ଆସି ବିଜୟେ ବଜ୍ରଧାରୀ । ୬ ।
ଦେଖିଣ ସାନନ୍ଦ ଯେ ଭୋଜର ଦୁଲାଳୀ
ତୀର୍ଥଜଳ ଘେନି ପାଦ ସେ ପଖାଳି । ୭ ।
ପାଦଅର୍ଘ୍ୟ ଦେଇଣ କୋଇନ୍ତାୟେ କରନ୍ତି ଅନେକ ସ୍ତୁତି
ଜୟ ତୁ ସୁରନାଥ ଅମର ଆଧିପତି । ୮ ।
ଜମ୍ଭୋ ଦଇତ୍ୟ ଦର୍ପ ଧଂସିଲୁ ଦେବ ଅବହେଳେ
ତେଣୁ ସେ ଜମ୍ଭୋଭେଦୀ ନାମ ବହିଲୁ କୁତୋହଳେ । ୯ ।
ଅଭୟେ ମୁଦୁଗର କରେଣ ବଜ୍ର ଶକତି
ହେଳେଣ ନାଶିଲୁ ହିରଣ୍ୟକଶିପୁର ନାତି । ୧୦ ।
ଅଜଙ୍ଗମ ଅକ- ଅସିବର ପରଶୁ କୁଠାରେ
ବାହନ ଇଛିଲୁ ଦେବ ଅଇରାବ୍ରତର ଉପରେ । ୧୧ ।
ଶଚୀର ବଲ୍ଲଭ ନାଥ ଅନଙ୍ଗ କାମମୂର୍ତ୍ତି
ଚଉଷଠୀ କୋଟି ବିଦ୍ୟାଧରୀଙ୍କ ଅଭିଳାଷ ନିତି ପ୍ରତି । ୧୨ ।
ଅମରାଧିନାଥ ତୁ ଅଳକାପୁର ରକ୍ଷା
ଅଦିତିର ନନ୍ଦନ କଶ୍ୟପର ବଞ୍ଛା । ୧୩ ।
ଅଣାକାର ପୁରୁଷ ତୁ ଦେଖିଲୁ ବର୍ଣ୍ଣଚିହ୍ନ
ତେଣୁ ସେ ଲଲାଟ ତୋର ହୋଇଲା ସୁବର୍ଣ୍ଣ । ୧୪ ।
ସ୍ୱର୍ଗର ଠାକୁର ତୁ ବୃନ୍ଦାଅର୍କ କୁଳଦକ୍ଷ
କୋଟିଏ ଭୁବନ ଦୃଷ୍ଟି ତୁ ଅଟୁ ସହସ୍ରାକ୍ଷ । ୧୫ ।
ଅନେକ ବିଳାସୁଣୀ ଖଟନ୍ତି ଅନୁବ୍ରତେ
ଭରହରଷ ନାୟକ ଦେବ କସ୍ୟପର ଗୋତ୍ରେ । ୧୬ ।
କୋଟିଏ ଭୁବନର ତୁ ଖଣ୍ଡୁସି ଅରଷ୍ଟି
ତୋହୋର ଆଗ୍ୟାଂୟେଣ ମେଘ ସଚରାଚର ବୃଷ୍ଟି । ୧୭ ।
ସଦା ଆନନ୍ଦ ନାଥ ତୁ ବାହନ ମତ୍ତନାଗ
ପାତାଳ ଥମ୍ବ ତୋହୋର ଅନନ୍ତ ଉତଙ୍ଗ । ୧୮ ।

-------------

୧୦ ।୨ ହେଳେ ବଧିଲୁ ପର୍ବତଙ୍କ ପକ୍ଷୀ
ହେଳେ ଭିଧ୍ୱସିଂଲୁ ନାଥ ଦୈତ୍ୟ ଯେ ନୃପତି ।
୧୫ ।୧ ବୃନ୍ଦଅର୍କ-ବୃନ୍ଦାରକ-ଦେବ । ୧୮ ।୨ ଥମ୍ବ-ସ୍ତମ୍ଭ ।

ବ୍ରହ୍ମଦତ୍ୟ ମୁଣ୍ଡ ମୋଡିଲୁ ଚନ୍ଦ୍ର ବୋଲେ
ରିପୁ ପୁରୁଖ ପଳାବନ୍ତି ତୋହୋର ଶହସ୍ର ଧଇଲେ । ୧୯ । ସଂଖ୍ୟା
ଲୋଭେଣ ହରିଲୁ ନାଥ ଗଉତମର ପତନୀ

ସେ ମହାତମାର ଶାପେ ତୁ ହୋଇଲୁ ସହସ୍ର ଯୋନି । ୨୦ । ସଂଖ୍ୟା
ଶାନ୍ତି ହୋଇଲା ସେ ଆପାଦ ମାନସ ସରୋବରେ
ଦୁଷ୍ଟ ନିବାରଣ କଲୁ ନାଥ ନିର୍ଘାତ ବଜ୍ରଶରେ । ୨୧ ।
ତୁ ଦେବ ଜଳ ସ୍ଥଳ ନିରାକୁଳ ଅନାଦି
କୃତାନ୍ତକ ନାଥ ସ୍ୱାମୀ ଜୟ ତୁ ଜମ୍ଭୋଭେଦୀ । ୨୨ ।
ସପତ ସାଗର ଜଳ ସ୍ଥଳ ନାଥ ନବଦ୍ୱୀପା ପୃଥୀ
ତୋହରେଣ ଦେବ ସଚରାଚର ବ୍ରତି । ୨୩ ।
ଯମଦଣ୍ଡ କାଳଦଣ୍ଡ ଶୂଳଦଣ୍ଡ
ଦଣ୍ଡାଧିପତି ଦେବ ତୁହି ସେ ସର୍ବଦଣ୍ଡ ଖଣ୍ଡ । ୨୪ ।
ବେଦବର ମନ୍ତ୍ରବର ଶାହାସ୍ରବର ନାଥ
ସତ୍ୟବନ୍ତ ପୁରୁଷ ସ୍ୱାମୀ ତୁ ପରମ ପଦାର୍ଥ । ୨୫ ।
ଦର୍ଶନେ ପ୍ରସନ୍ନେ ତୁ ଦୁର୍ଗତି ଦୁଖ ଧଂସି
ଯମର ଉପରେ ଦୈବତ ସକଳ ଦର୍ପ ବିନାଶୀ । ୨୬ ।
ବ୍ରହ୍ମାର ଉପରେଣ ତୋହୋର ବ୍ରହ୍ମପଦ
ମହେଶ୍ୱର ଉପରେ ତୁ ମହେଶ ଦେବ ଇନ୍ଦ୍ର । ୨୭ ।
କଉସ୍ତୁଭ ମଣି ବିରାଜିତ ଯାର ହୃଦେ
ଚନ୍ଦ୍ର କିରଣ ମଣି ଲଲାଟ ସାନନ୍ଦେ । ୨୮ ।
ଜାତ ଅନ୍ତ କରି ନାଥ ତୁହି ସେ ଭିଆନ୍ତା
ନିର୍ଭୟା ପୁରୁଷ ତୁ ଯେ ପ୍ରସନ୍ନେ ଗତି ଦ୍ୟନ୍ତା । ୨୯ ।
ସୟଳ ସାହେରନାଥ ଭଗତ ଜଗହିତା
ମୁହିଂ ମନୁଷ ଜନ୍ମ ମଞ୍ଚପୁରେ ନ ଛାଡୁ ମୋର ଚିନ୍ତା । ୩୦ ।

------------

୨୫ ଦେବଙ୍କର ଦେବ ତୁ ଅଟୁ ସୁରନାଥ
ବେଦ ଶାହାସ୍ରର ନାଥ ତୁ ପରମ ପରମାର୍ଥ ।
ସତ୍ୟବନ୍ତ ପୁରୁଷ ନାଥ ଆବର ପରମାର୍ଥ ।

୩୦ ।୧ ସୟଳ ସଞ୍ଚିତ ତୁ ଜଗତଜନ ଚିନ୍ତା ।

୧୯ ।୨ ରିପୁ ପୁରୁଖ-ରିପୁ ପୁରୁଷ

ନାଶକର ନିଶାକର ଯାହାର ଆଗ୍ୟାଂରେଣ ବର୍ତ୍ତି
ତେଣୁ କରି ତୋତେ ମୁଂ ପ୍ରାର୍ଥନା କରଇ ଅଭ୍ୟର୍ଥୀ । ୩୧ ।
ଶ୍ରୀ ଅମରାଧିନାଥ ଚରଣ ମମ ହୃଦେ
ଶୁଦ୍ରମୁନି ସୋରୋଳ ଦାସ ବଦୟନ୍ତି ପରମ ସାନନ୍ଦେ । ୩୨ ।
କହନ୍ତି ଅଗସ୍ତି ଶୁଣ ଆହୋ ଯୁଗପତି
ଏହି ମନୁ ତବ ଅର୍ଥେ ଜଗତେ ବିଖ୍ୟାତି । ୩୩ ।
ଇନ୍ଦ୍ର ଦେବତାଙ୍କୁ କୋଇନ୍ତାୟେ କଲେ ପୂଜା
ଶୃଙ୍ଗାର ସ- ଦ ରସ ମାଗଇ ଦେବରାଜା । ୩୪ ।
କୁନ୍ତଭୋଜର ନନ୍ଦନୀ ସେ କାର୍ଯ୍ୟେଣ କାର୍ଯ୍ୟବନ୍ତୀ
ଭାରାଭର ବହନ୍ତି ସେ ଅନାଦି ଦଇବତୀ । ୩୫ ।
କୋଇନ୍ତାଙ୍କର ତୁଷ୍ଟି ଯେ ଶୁଣିଣ ବଜ୍ରଧାରୀ
ମହା ସନ୍ତୋଷେଣ ଆଲିଙ୍ଗନ ଚୁମ୍ବନ ସେହୁ କରି । ୩୬ ।
ବଂଶେଣ ନିକଳଙ୍କ ମହାମନ୍ତ୍ରେଣ ନିର୍ଦ୍ଦୋଷୀ
ଇନ୍ଦ୍ରେଣ ରମଣ ଯେ ବଢିଲା ମହାନିଶି । ୩୭ ।
ଶତଶିଂଗ ପର୍ବତୁଂ ସେ ଗଙ୍ଗା ହୋଇଛି ଉତପତ୍ତି
ପାତାଳ ଭେଦିଛି ପଞ୍ଚଚିରିଶ ଧାରା ମୂର୍ତ୍ତି । ୩୮ । ସଂଖ୍ୟା
ପାବିନୀ ଭାବିନୀ କାମିନୀ ପାପନାଶିନୀ

ଗଙ୍ଗା ଗୋମତୀ ନର୍ମଦା ବଇତ୍ରଣୀ । ୩୯ ।
ମେଖଳା ତ୍ରିପୁରା ଭାଲୁଙ୍କୀ ଭଇରୋବୀ
ଯମୁନା ସରସ୍ୱତୀ ପାତାଳ ସମ୍ଭବୀ । ୪୦ ।
କାଶା କଉଶିକୀ ଅରଣ୍ୟ ମେଖଳା
ବେଣୀ ଗଉତମା ନାରାୟଣୀ ଚଞ୍ଚଳା । ୪୧ ।
ବିଜୟା ଚିତ୍ରଉତପଳା ଗଗନଗୁପତା
ଚନ୍ଦ୍ରଭାଗା ବୃହସ୍ପତୀ ନନ୍ଦିନୀ ବୃଦ୍ଧମାତା । ୪୨ ।
ତମସା ସଉଭଦ୍ରା ଚଉରୀ ଧବଳାଙ୍ଗୀ
ବୃଦ୍ଧୟୀ ହରପ୍ରିୟା ଅନନ୍ତା ଯୋଗାଙ୍ଗୀ । ୪୩
-------------
୪୩ ।୧  ସଉଭଦ୍ରା-ସୁଭଦ୍ରା

ପଞ୍ଚତିରିଶ ଧାରା ସେ ପର୍ବତେ ଫୁଟଇ
ମହାତୀର୍ଥ ମାନେ ସେ ବିଷ୍ଣୁ ପାଦ ଅଟଇ । ୪୪ ।
ତହିଂ ମିଶ୍ରିତ ଯେ ସରସ୍ୱତୀ ତ୍ରିବେଣୀ
ତହିଂର ତୀରେ ଇନ୍ଦ୍ର କୋଇନ୍ତାଙ୍କର ରମଣି । ୪୫ ।
ସେ ନଦୀର ତୀରେ ଅଛି ଅର୍ଜୁନ ନାମେ ବନ
ଶୀତଳ ଅମିୟ ବହଇ ପବନ । ୪୬ ।
ବିଶେଷେ ବସନ୍ତ ଋତୁ ମୀନମାସ କୃଷ୍ଣପକ୍ଷ ପ୍ରଥମ ଦୁତୀୟା
ଭୃଗୁବାର ଉତ୍ତରା ଫାଲ୍ଗୁନୀ ଶତଶ୍ରିୟା । ୪୭ । horoscope
ବାଣିଜ୍ୟ ନାମେ କରଣ ଧୃତି ନାମେ ଯୋଗ
କନ୍ୟା ଚନ୍ଦ୍ରମାକୁ ସପତମ ଦଣ୍ଡ ଭୋଗ । ୪୮ ।
ଦୁତୀୟା ଘରେ ଶନିଚର ଚତୁର୍ଥେ ବୃହସ୍ପତି
ଅମୃତାକ୍ଷ ନାମେ କାଳ ପାତାଳେ ଭୋଗ ରାତି । ୪୯ । horoscope
ରାହୁ ନବମରେ ଚନ୍ଦ୍ର ବଳୀୟାର ଯୋଗେ
ଇନ୍ଦ୍ରଙ୍କର ଶୃଙ୍ଗାର କୋଇନ୍ତା ଦେବୀଙ୍କର ସଙ୍ଗେ । ୫୦ ।
କୋଇନ୍ତାୟେ ବୋଇଲେ ଦେବ ଶୁଣିମା ସୁରପତି
ସଇନ୍ଦୁ ପୁତ୍ରେକ କରିବୁଟି ଉତପତ୍ତି । ୫୧ ।
ପୁତ୍ରର ଦର୍ପ ମୁଂ ସହି ନୁଆରଇ ଭାରି
ମଣ୍ଡଳାଧିପତି ତୁ ଆକାଶକୁ ଅଧିକାରୀ । ୫୨ ।
ମହାବଳବନ୍ତା ତୁ ଦେବତାଙ୍କର ରାଜ
ମୁହିଂ ମାନୁଷୀଟି ସହି ନୁଆରଇ ଯେ ତୋହୋର ବୀର୍ଯ୍ୟ । ୫୩ ।
ଆଦିହୁଂ ଅବିଭାଇତ କାଳେ ମୋତେ ଆଦିତ୍ୟ ରମଣ କଲା
ସଇନ୍ଦୁ ପୁତ୍ରେକ ଉତପତ୍ତି ଯେ ହୋଇଲା । ୫୪ ।
ସେହି ପ୍ରକୃତି ଯେ ଭାବିଲାକ ମୋର ଅଙ୍ଗେ
ୟେବେ ମୁଂ ଗର୍ଭର ଭାରା ସହିବି କେବଣ ବାଗେ । ୫୫ ।
ଶୁଣିଣ ସାନନ୍ଦ ଯେ ପୁରନ୍ଦର ଦେବତା
କୋଇନ୍ତାୟେ ରମଣ ଇଛଇ ବରଦାତା । ୫୬ ।
---------------
୪୪      ଈଶାନ ମୂରତି ହୋଇ ଯାଇ ସାଗରେ ଭେଟଇ
        ମହାତୀର୍ଥ ମାନେ ସେ ବିଷ୍ଣୁ ପ୍ରତିଷ୍ଠା ଅଟଇ
୪୫ ।୧  ତହିଂ ମିଶ୍ରିତ ଯେ ସୁରନଦୀ ତ୍ରିବେଣୀ ।

ବିଶେଷେ କାମିନୀ ସେ ପ୍ରୋଢାୟେ ବୟସୀ

ଦେବରାଜା ତୁଲେଣ କ୍ରିଡାରଙ୍ଗେ ରସି । ୫୭ ।
ଅପଛରୀ ରମଣୀ ସେ ରତି ଶାସ୍ତ୍ରେ ଜିତା
ଚନ୍ଦ୍ର ପବନ ବାରିଣ ସେ ଶୃଙ୍ଗାରେ ଶକତା । ୫୮ ।
ସ୍ତିରୀଜନଙ୍କର ସଭାବ ସେ ଗାଢ ଶୃଙ୍ଗାରେଣ ତ୍ରିପୁତି
ଅଗ୍ନିଦେବତା ଯେହ୍ନେ ଘୃତେ ହୋନ୍ତି ଶାନ୍ତି ମୂର୍ତ୍ତି । ୫୯ ।
ମତ୍ତ ତନୁ ଘେନି ଯେବଣ ପୁରୁଷ ପାବନ୍ତି କେଳି
ରାତ୍ର ଦିବସେ ସେ ସହି ପାରନ୍ତି ଆର୍ଦୋଳି । ୬୦ ।
ମନ ଚଇତନ ୟେକତ୍ୱ କଲା ସଞ୍ଚା
ପବନ ହେଠାଇଣ ଉଜାଣି କଲାକ ସେ ବଞ୍ଚା । ୬୧ ।
ଶୃତି ସ୍ମୃତି ଧୃତି ଶାନ୍ତି ସୁଷୁମୁନା
ୟେ ପଞ୍ଚନାଡି ଅଟଇ ଶରୀରକୁ ବଜ୍ରସେହ୍ନା । ୬୨ ।
ତରଳ ତାରଳ ଇଅଂଳା ପିଅଂଳା ଘୋଟି
ନବ ନାଡି ମୂଳେଣ ଅଛଇ ବାଆସ୍ତୋରି କୋଟି । ୬୩ । ସଂଖ୍ୟା
ୟେହାନ୍ତ ୟେକତ୍ୱ କରି ପଞ୍ଚମଶର ଭୋଗୀ
ଅନଙ୍ଗ ବଞ୍ଚାଇଲା ସେ ପୁରୁଷ ପରମ ଯୋଗୀ । ୬୪ ।
ଅଗ୍ୟାନେ ହେଠାଇଲା ସେ ଟେକିଲା ୟେକ ବ୍ରହ୍ମେ
ବାସ୍ତରୀ କ୍ରୀଡା କଲେ ଭବ ଯେ ସାଂଗ୍ରାମେ । ୬୫ ।
ଖେପଇ ବାସବ ଯେ ନଖଦନ୍ତ ଶର
କୋଇନ୍ତାୟେ ବଞ୍ଚାବନ୍ତି ନ ଫୁଟଇ ଶରୀର । ୬୬ ।
ଓହୋବଳ ସଂଗ୍ରାମେ ବଢିଲା ରସଯୁଦ୍ଧ
ଭବ ଭଗ ଶାନ୍ତି ଯେ ନୋହିଲା କାମବନ୍ଧ । ୬୭ ।

-------------

୫୮ ।୨ ଚନ୍ଦ୍ରକଳା ଜାଣଇ ସେ ଶୃଙ୍ଗାରେ ଶକତା
ଚନ୍ଦ୍ର ପବନ ମାରିଣ ସେ ଶୃଙ୍ଗାରେ ଶକତା
୬୧ ମନ ଚଇତନ ୟେକତ୍ୱ କଲା ସାଚି ।
ପବନ ହେଠାଇଣ ଉଜାଣି ବନ୍ଧ ଆମଞ୍ଚି ।
୬୫ ।୧ ଅଗ୍ୟାନେ ଧଇଲା ଯେ ଚଳିଲା ୟେକ ବ୍ରହ୍ମ ।
୬୭ ।୨ କେହି କାହାକୁ ଯେ ନ କରନ୍ତି ସାଧ୍ୟେ ।

ଅଦୃଷ୍ଟି ନାରାଜ ବିନ୍ଧଇ ପଞ୍ଚବାଣ
ଭାବେ ଅନ୍ୟୋଅନି ପୀଡୁଛି ମୟାଣ । ୬୮ ।
ବିଶେଷେ ବନ ଗହନ ନିଗମ ସ୍ଥାନ ଭୂମି
ଆକାଶେ ଦୃଶ୍ୟଭାବ ରୋହିଣୀ ବଲ୍ଲଭ ଦେବସ୍ୱାମୀ । ୬୯ ।
ବସନ୍ତେ ଚନ୍ଦ୍ରମାୟେ ମହା ନିରିମଳ
ସମସ୍ତ ଦିଶଇ ସେ ଦିବସହୁଂ ପରିମଳ । ୭୦ ।
ଅଶାନ୍ତ ଶୃଙ୍ଗାରେଣ ଅତୁଷ୍ଟ ଦେବରାଜ
ରଜନୀ ନିକଟେ ଶେଷ ସେ ଛାଡିଲେ ମହାବୀର୍ଯ୍ୟ । ୭୧ ।
ଦୁହେଂ ମନ ଶାନ୍ତି ସେ ପରମ ସାନନ୍ଦୁଂ
ସୁସଞ୍ଜେ କୁମାରେକ ଉତପତ୍ତି ହୋଇଲା ସଇନ୍ଦୁ । ୭୨ ।
ମାତଳି ମେଳେ ଯେ ଥିଲେ ଚଞ୍ଚଳାଗଣ ଅନ୍ତରୀକ୍ଷେ
ପୁଷ୍ପକ ଘେନିଣ ଯାଇଂ ମିଳିଲେ ସହସ୍ରାକ୍ଷେ । ୭୩ । ସଂଖ୍ୟା
ଦେବଗଣେ ଦୁନ୍ଦୁଭି ବଜାନ୍ତି ରଙ୍ଗେ ଘେନି
ଚଉଷଠି କୋଟି ଅପଛଇରୀ ଦିଲେ ହୁଳହୁଳି ଧ୍ୱନି । ୭୪ । ସଂଖ୍ୟା
ଅମଳାଣ ବସ୍ତ୍ର ଯେ ପିନ୍ଧିଣ ସର୍ବ ବାଳୀ
କେହୁ କୋନ୍ତାଙ୍କୁ ଧରଇ କେ ପୁତ୍ରକୁ ସମ୍ଭାଳି । ୭୫ ।

ତପତ ଜଳ ଘେନି ସୁବାସିତ ପାଣି
ପୁତ୍ର ଅଙ୍ଗ ପଖାଳନ୍ତି ଅତ୍ୟନ୍ତ କୋମଳ ଜାଣି । ୭୬ ।
ମଧୁ ଘୃତ କପିଳାର କ୍ଷୀର ଯେ ପ୍ରବର୍ତ୍ତି
କୁମାରର ଅଙ୍ଗେ ନେଇ ଲେପନ କରନ୍ତି । ୭୭ ।
ଆପଣେ ଥାଇଣ ସେ ସୁରେଶ୍ୱର ରାଜା
ଶ୍ରୀହସ୍ତେ ଅର୍ଘ୍ୟ ଘେନି କୁମାରକୁ କଲେ ପୂଜା । ୭୮ ।
ରମ୍ଭା ଉର୍ବଶୀ ମଦନା ମେନକା କାମସେଣା
ଶେଯ୍ୟାୟେ ଯୁଗତେ ଶୁଆଇଲେ ସମସ୍ତେ ଅପର୍ଣ୍ଣା । ୭୯ ।
ନୀଳେନ୍ଦୀ ଦଳ ପରାୟେ କୁମରର ତନୁ
ବିଚିତ୍ର ବେଶନ ରୂପ ସୁନ୍ଦର କି କୋଟି ସୂର୍ଯ୍ୟଭାନୁ । ୮୦ ।
ଅତି ସୁନ୍ଦର ସେ ଅର୍ଜ୍ଜୁନ ନାମେ ବନ
ସେ ବନେଣ ଯେ ପୁତ୍ର ହୋଇଲା ଉତପନ୍ନ । ୮୧ ।

ଅତିଅନ୍ତ ହରଷ ହୋଇଣ ମଘବାନ
ଅର୍ଜ୍ଜୁନ ବନ ଦେଖି ପୁତ୍ର ନାମ ଦିଲେ ଅରଜୁନ । ୮୨ ।
ବୃହସ୍ପତି ଗଣିଲେ ସପତାଙ୍କ ପାଞ୍ଜି ଘେନି
ପୁତ୍ର ଜାତ ହୋଇଲା ଉତ୍ତରା ଫାଲୁଗୁନୀ । ୮୩ ।
ବୃହସ୍ପତି ବୋଇଲେ ଅତିଅନ୍ତେ ସୁନ୍ଦର ସଉଛମ
ତେଣୁ ଦେବଗୁରୁ ଦିଲେ ଫାଲଗୁନି ୟେହାର ନାମ । ୮୪ ।
ଉତ୍ତରା ଫାଲଗୁନୀ ହୋଇଲା କନ୍ୟା ରାଶି
ଗଣ୍ଡମୂଳ ନାସ୍ତି ମାହିନ୍ଦ୍ର ଯୋଗ ଭାଷି । ୮୫ ।
ସର୍ବ ଗୁଣେ ସୁନ୍ଦର ସୁଲକ୍ଷଣ ସୁରବଇଂର ବଳା
ଅମର ଆସନକୁ ବିଜୟେ ଆଖଣ୍ଡଳା । ୮୬ ।
ଅମର ଅଳଙ୍କାର ଯେତେ ଦେବରାଜାର ଥିଲା
ପୁତ୍ରକଇ ମଣ୍ଡିଣ ସୁରନାଥ ବେଗେ ଗଲା । ୮୭ ।
ଉର୍ବଶୀ ଆସି ଧଇଲେ କୋଳରେ
ସବ୍ୟସାଚୀ ନାମ ଦିଲେ ଯୁବତୀ ରତ୍ନ ସାରେ । ୮୮ ।
ପଣ୍ଡୁ ପ୍ରବେଶ ହୋଇଲେ ସୁର ନଦୀ କୂଳେ
ତ୍ରିଭୁବନ ମୋହନ ପୁତ୍ର କୋଇନ୍ତାଙ୍କର କୋଳେ । ୮୯ ।
ଦେଖିଣ ମହାରାଜା ଅନେକ ସାନନ୍ଦେ
ବହୁତ ପୁରସରି କୋଇନ୍ତାଙ୍କୁ ହାଦେ । ୯୦ ।
ଯୁଝେଷ୍ଠି ଭୀମ ଅରଜୁନ ଯେ ପୁତ୍ର ତିନି
ପାଳନ୍ତି କୋଇନ୍ତାୟେ ମାଦ୍ରୀ ଦେବୀ ଘେନି । ୯୨ ।
--------------
୮୨ ଅତିଅନ୍ତ ହରଷ ଯେ ହୋଇଲେ ମଘବାନ ।
ରୂପ ବଳେଣ ପୁତ୍ରକୁ ନାମ ଦିଲେ ଅରଜୁନ ।
୮୫ ।୧ ଗଣ୍ଡମୂଳ ନାସ୍ତି ବୋଲିଣ ଗୁରୁ ଭାଷି ।
୮୬ ।୨ ଅମରଗଣ ଘେନି ବିଜୟେ ଆଖଣ୍ଡଳା ।
ଅମର ଭୁବନେ ବିଜୟେ ଆଖଣ୍ଡଳା ।
୯୦ ।୨ ବହୁତ ପ୍ରଶଂସିଲେ କୋଇନ୍ତାଙ୍କୁ ଆନନ୍ଦେ ।
ବହୁତ ପୁରୁଷାର୍ଥ କୋନ୍ତାଙ୍କୁ ଆନନ୍ଦେ ।
୮୪ ।୧ ସଉଛମ-ସୌଷ୍ଠବ ବା ସୁସମଶବ୍ଦଜ ସୁସମ-ସୁଛାକାର, ସୌଷ୍ଠବ-ସୁତଉଲ
୮୬ ।୧ ସୁରବଇଂ-ସୁରପତି

ବଇବସୁତ ମନୁ ବୋଇଲେ ଶୁଣ ଅଗସ୍ତିୟେ

ମୁକୁଇଂ ଫେଡିବ କଥାୟେକ ସନ୍ଦେହେ । ୯୨ ।
ଧର୍ମ ଦେବତାୟେ ଯେବଣ ପୁତ୍ର ଗୋଟି
ତାହାର ନାମ ଦିଲେ କି- । ଧର୍ମ ଯେ ଯୁଝେଷ୍ଠି । ୯୩ ।
ଅଗସ୍ତି ପ୍ରତିବାକ୍ୟ ଶୁଣିମା ମହାରାଜେ
ପ୍ରଥମେ କର୍ଣ୍ଣ ଉପୁଜିଲା ୟେ ପୁତ୍ର ହୋଇଲା ଦୁଜେ । ୯୪ ।
କୋଇନ୍ତାୟେ ବୋଇଲେ କର୍ଣ୍ଣ ମହୋର ଜ୍ୟେଷ୍ଠ
ଗଙ୍ଗାରେ ପକାଇଲି ମୁଂ ବାଳୁତ ଗ୍ୟାନ ଭ୍ରଷ୍ଟ । ୯୫ ।
ସେ ପୁତ୍ର ଲୋଡିଲେ ପାଇବି ଆର କାହିଂ
ଦୁଜେ ଉପୁଜିଲା ଜ୍ୟେଷ୍ଠ ପୁତ୍ର ୟେହି । ୯୬ ।
ମହାଗ୍ୟାନବନ୍ତ ୟେ ଅହର୍ନିଶି କର୍ମ
ତେନ୍ୟାଙ୍ଗୁ କରି ନାମ ଦିଲେ ଯୁଝେଷ୍ଠି ଦେବ ଧର୍ମ । ୯୭ ।
କୋଇନ୍ତା ଦେବୀଙ୍କର ଯେ ତିନି ପୁତ୍ର ଉପୁଜିଲା
କୋଇନ୍ତାଙ୍କୁ ଭଗତି ହୋଇଂ ମଦନା କିସ କଲା । ୯୮ ।
ତିନି ପୁତ୍ର ଘେନି ସେ କୋଇନ୍ତା ଦେବୀ ଭାଳି
ସହି ନୁଆରଇ ଆଉ ପର ଶୃଙ୍ଗାର ଆର୍ଦୋଳି । ୯୯ ।
ଆପଣା ସ୍ୱାମୀ ଜାଣଇଂ ଆପଣା ଭାରିଯାର ଚିନ୍ତା
ପର ପୁରୁଷ ଶୃଙ୍ଗାରେ ବଡାଇ ଅବସ୍ଥା । ୧୦୦-୨୬୯୦ ।

-----------

୯୯ ।୨  ପଞ୍ଚଭୂତ ଆତ୍ମାରେ ଡାକିଣ ବିକଳି ।

୯୬ ।୨  ଦୁଜେ-ଜ୍ୟେଷ୍ଠି-ଯୁଜେଷ୍ଠି        ୯୭ ।୧  ତେନ୍ୟାଙ୍ଗୁ-ସେହି ହେତୁରୁ

**